# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 21 December – 2025

********************************

## ମୁଖ୍ୟ ସମ୍ବାଦ

- ଦେଶରେ ନକଲୀ ସାର ଓ କୀଟନାଶକ ଉତ୍ପାଦ ପ୍ରତିହତ କରିବା ପାଇଁ ସଂସଦର ଆଗାମୀ ଅଧିବେଶନରେ ବିଧେୟକ ଆଗତ କରିବେ ସରକାର
- ସୀମା ସୁରକ୍ଷା ବଳ କନ୍‌ଷ୍ଟେବଲ ନିଯୁକ୍ତିରେ ପୂର୍ବତନ ଅଗ୍ନିବୀରଙ୍କ କୋଟାକୁ ୫୦ ପ୍ରତିଶକୁ ବୃଦ୍ଧି କଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ
- ରେଳବାଇ ପକ୍ଷରୁ ଯାତ୍ରୀଭଡା ବୃଦ୍ଧି ନିଷ୍ପତ୍ତି; ଆସନ୍ତା ୨୬ ତାରିଖରୁ ଲାଗୁ ହେବ ବର୍ଦ୍ଧିତ ଭଡା
- ଆଭ୍ୟନ୍ତରୀଣ ଶାନ୍ତି ବିଶ୍ୱ ସମନ୍ୱୟର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ‘ବିଶ୍ୱ ଧ୍ୟାନ ଦିବସ’

ଏବଂ

- ରାଜ୍ୟରେ ଶୀତ ଲହରୀ ଜାରି; ଘନକୁହୁଡ଼ି ହେବା ନେଇ ୪ଟି ଜିଲ୍ଲାକୁ ସତର୍କ ସୂଚନା

# ଚୌହ୍ୱାନ ଫର୍ଟିଲାଇଜର୍ସ

କୃଷି ଏବଂ କୃଷକଙ୍କ କଲ୍ୟାଣ ନିମନ୍ତେ ନକଲି ସାର ଓ କୀଟନାଶକ ଉତ୍ପାଦ ପ୍ରତିହତ କରିବା ଲକ୍ଷ୍ୟରେ ସଂସଦର ଆଗାମୀ ଅଧିବେଶନରେ କେନ୍ଦ୍ର ସରକାର ବିଧେୟକ ଆଗତ କରିବା ନେଇ କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ କହିଛନ୍ତି। ଶ୍ରୀ ଚୌହ୍ୱାନ କହିଛନ୍ତି, ଏ ସମ୍ବନ୍ଧରେ ଦୃଢ଼ ଆଇନ୍ ପ୍ରଣୟନ କରାଯିବ ଏବଂ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ନୂଆଦିଲ୍ଲୀରେ ‘ଚୌଧୁରୀ ଚରଣସିଂହ କିଶାନ ସମ୍ମାନ’ ଉତ୍ସବରେ ଉଦ୍‌ବୋଧନ ଦେବା ଅବସରରେ ସେ କହିଛନ୍ତି ସରକାର କୃଷିକ୍ଷେତ୍ରରେ ଘଟୁଥିବା ବିଭିନ୍ନ ନକଲି କାରବାର ପ୍ରତି ସଚେତନ ଅଛନ୍ତି ଓ ଦୃଢ଼ ପଦକ୍ଷେପ ନେବାଲାଗି ପ୍ରସ୍ତୁତ ହେଉଛନ୍ତି । ନକଲି ସାର, କୀଟନାଶକ ଏବଂ ଫସଲରେ ବ୍ୟବହୃତ ହେଉଥିବା ଅନ୍ୟ କେତେକ ଉପାଦର ବିକ୍ରି ଓ ବ୍ୟବହାର ନେଇ ମନ୍ତ୍ରୀ ଶ୍ରୀ ଚୌହ୍ୱାନ ଚିନ୍ତାବ୍ୟକ୍ତ କରିଛନ୍ତି। ସଂପ୍ରତି ଶେଷ ହୋଇଥିବା ଶୀତକାଳୀନ ଅଧିବେଶନରେ **ବିକଶିତ ଭାରତ ଜୀ ରାମ୍ ଜୀ ବିଲ୍** ୧୦୦ଦିନ ପରିବର୍ତ୍ତେ ୧୨୫ଦିନର କର୍ମନିଯୁକ୍ତି ଗ୍ୟାରେଣ୍ଟି ଦେଉଥିବା ଶ୍ରୀ ଚୌହ୍ୱାନ କହିଛନ୍ତି ।

## ଅଗ୍ନିବୀର

ସୀମା ସୁରକ୍ଷା ବଳ ବିଏସ୍‌ଏଫ୍‌ରେ କନ୍‌ଷ୍ଟେବଲ ନିଯୁକ୍ତି ପାଇଁ ପୂର୍ବତନ ଅଗ୍ନିବୀରଙ୍କ କୋଟାକୁ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ୧୦

ପ୍ରତିଶତ ରହିଥିଲା । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ପ୍ରଥମ ବ୍ୟାଚ୍ ପୂର୍ବତନ ଅଗ୍ନିବୀରଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ ଏବଂ ପରବର୍ତ୍ତୀ ଅଗ୍ନିବୀରଙ୍କ ପାଇଁ ୩ ବର୍ଷ କୋହଳ କରାଯାଇଛି । ପୂର୍ବତନ ଅଗ୍ନିବୀରଙ୍କ ପାଇଁ ଶାରୀରିକ ମାନଦଣ୍ଡ ଏବଂ ଦକ୍ଷତା ପରୀକ୍ଷା ହେବ ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି । ସୀମା ସୁରକ୍ଷା ବାହିନୀ ଅଣଗେଜେଟେଡ୍ ସାଧାରଣ ଡିଉଟି କ୍ୟାଡର ନିଯୁକ୍ତି ନିୟମ-୨୦୧୫ରେ ଏଥିପାଇଁ ଆବଶ୍ୟକ ସଂଶୋଧନ କରାଯାଇଛି ।

## ରେଳ ଭଡା ବୃଦ୍ଧି

ରେଳବାଇ ପକ୍ଷରୁ ଯାତ୍ରୀଭଡା ବୃଦ୍ଧି ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବର୍ଦ୍ଧିତ ଭଡା ଆସନ୍ତା ୨୬ ତାରିଖରୁ ଲାଗୁ ହେବ । ସାଧାରଣ ଶ୍ରେଣୀରେ ୨୧୫ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା ପାଇଁ  ଭଡାରେ କୌଣସି ବୃଦ୍ଧି କରାଯାଇନାହିଁ । ଏହାପରେ କିଲୋମିଟର ପିଛା ଭଡା ଏକ ପଇସା ବୃଦ୍ଧି ପାଇବ । ମେଲ ଏବଂ ଦ୍ରୁତଗାମୀ ଟ୍ରେନ୍‌ର ନନ୍ ଏସି ଶ୍ରେଣୀ ପାଇଁ ଭଡା କିଲୋମିଟର ପିଛା ଦୁଇ ପଇସା ବଢ଼ିବ । ଏସି ଶ୍ରେଣୀ ପାଇଁ ପ୍ରତି କିଲୋମିଟର ପିଛା ଦୁଇ ପଇସା ଭଡା ବୃଦ୍ଧି କରାଯାଇଛି । ନନ୍ ଏସି ଶ୍ରେଣୀରେ  ୫୦୦ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା ପାଇଁ ଯାତ୍ରୀଙ୍କୁ ୧୦ ଟଙ୍କା ଅଧିକ ଦେବାକୁ ପଡିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି ।  ଭଡା ବୃଦ୍ଧି ଦ୍ୱାରା ପ୍ରାୟ ୬୦୦ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ସୃଷ୍ଟି ହେବ । ରେଳ ମନ୍ତ୍ରଣାଳୟ କହିଛି, ଗତ ଦଶନ୍ଧି ମଧ୍ୟରେ ଦେଶରେ ରେଳ ଯୋଗାଯୋଗ ଏବଂ କାର୍ଯ୍ୟ ପରିସର ଯଥେଷ୍ଟ ବୃଦ୍ଧି ପାଇଛି । ଯାତ୍ରୀଙ୍କ ସୁଗମ ଯାତ୍ରା ପାଇଁ ରେଳବାଇ ପକ୍ଷରୁ ବିଭିନ୍ନ ସୁରକ୍ଷା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ରେଳ ଯୋଗେ ମାଲ ପରିବହନ କ୍ଷେତ୍ରରେ

ଭାରତ ବିଶ୍ୱର ଦ୍ୱିତୀୟ  ରାଷ୍ଟ୍ରର ମାନ୍ୟତା ପାଇଛି। ମାନବ ସମ୍ବଳ ଏବଂ ଅନ୍ୟାନ୍ୟ ଖର୍ଚ୍ଚକୁ ଦୃଷ୍ଟିରେ ରଖି ଏହି ଯାତ୍ରୀଭଡା ବୃଦ୍ଧି କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି।

# ଜଳପ୍ରକଳ୍ପ-ନଦୀ ସାମିଲ

ଜାତୀୟ ଜଳପ୍ରକଳ୍ପରେ ରାଜ୍ୟର ଅଧିକ ନଦୀକୁ ସାମିଲ କରିବା ନେଇ ଏକ ପ୍ରସ୍ତାବ ପଠାଇବାକୁ କେନ୍ଦ୍ର ବନ୍ଦର ଜାହାଜ ଓ ଜଳପଥ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ମନ୍ତ୍ରଣାଳୟର ସଚିବ ବିଜୟ କୁମାର ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ଏନେଇ ଏକ ଚିଠି ଲେଖିଛନ୍ତି । ରାଜ୍ୟର କିଛି ପ୍ରମୁଖ ନଦୀକୁ ଏହି ପ୍ରକଳ୍ପରେ ସାମିଲ କରାଯାଇଛି । ତେବେ ଏଥିରେ ସାମିଲ ହେବା ନେଇ ସମ୍ଭାବନା ଥିବା ରାଜ୍ୟର ଆଉକିଛି ଜଳପଥ ସମ୍ପର୍କରେ ବିବରଣୀ ଦାଖଲ କରିବାକୁ ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ କହିଛି ।

## ସଚେତନତା ରଥ

**ଭଦ୍ରକ** ଜିଲ୍ଲାରେ ଆସନ୍ତା ମାସ ୫ ତାରିଖରେ ଧାନ ମଣ୍ଡି ଖୋଲିବ। ତେବେ ଧାନ କ୍ରୟ ଏବଂ ମଣ୍ଡି ଖୋଲା ନେଇ ଚାଷୀଙ୍କୁ ସଚେତନ କରିବା ଲକ୍ଷ୍ୟରେ ଏକ ସଚେତନତା ରଥର ଆଜି ଶୁଭାରମ୍ଭ ହୋଇଛି। ଜିଲ୍ଲା ପ୍ରଶାସନ ଏବଂ ଭଦ୍ରକ ନିୟନ୍ତ୍ରିତ ବଜାର କମିଟିର ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ସଚେତନତା ରଥକୁ ଯୁବସେବା ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମଣ୍ଡିରେ

ଧାନ କ୍ରୟ ନେଇ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ମନ୍ତ୍ରୀ ଆଲୋକପାତ କରିଛନ୍ତି ।

**- V/O - (ସୂର୍ଯ୍ୟବଂଶୀ ସୂରଜ)**

ଚଳିତ ଋତୁରେ ଜିଲ୍ଲାରୁ ୧୩ ଲକ୍ଷ ୩୦ ହଜାର କୁଇଣ୍ଟାଲ ଧାନ ଚାଷୀଙ୍କ ଠାରୁ କ୍ରୟ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏପର୍ଯ୍ୟନ୍ତ ୯୬ ହଜାର ୨୩୨ ଜଣ ଚାଷୀ ଧାନ ବିକ୍ରି ନେଇ ପଂଜୀକୃତ ହୋଇଛନ୍ତି । ୧୦୫ଟି ସେବା ସମବାୟ ସମିତି ଏବଂ ୫୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏଥିପାଇଁ ନିୟୋଜିତ କରାଯିବା ନେଇ ବିଭାଗୀୟ ସୂତ୍ରରୁ ଜଣାପଡିଛି ।

# ଧ୍ୟାନ ଦିବସ

ମାନସିକ ଚାପ ହ୍ରାସ ଏବଂ ଅର୍ନ୍ତନିହିତ ଶାନ୍ତି ପାଇଁ ଧ୍ୟାନର ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ବିଶ୍ୱ ଧ୍ୟାନ ଦିବସ ପାଳନ କରାଯାଉଛି । ଜାତିସଂଘ ସାଧାରଣସଭା ପରିଷଦରେ ଡିସେମ୍ବର ୨୧ ତାରିଖକୁ ଏହି ଦିବସ ପାଳନ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଗତବର୍ଷ ପ୍ରଥମଥର ପାଇଁ ଏହି ଦିବସ ପାଳିତ ହୋଇଥିଲା । ଚଳିତବର୍ଷର ବିଷୟବସ୍ତୁ ରହିଛି 'ଆଭ୍ୟନ୍ତରୀଣ ଶାନ୍ତି, ବିଶ୍ୱ ସମନ୍ୱୟ ଏବଂ ବିଶ୍ୱକୁ ସୁସ୍ଥ ରଖିବା ଲାଗି ନିଜସ୍ୱ ଉଦ୍ୟମ' । ମନର ବିଭିନ୍ନ ଅବସ୍ଥା ମଧ୍ୟରେ ସମାନତା ରକ୍ଷା କରିବା ଧ୍ୟାନର ପ୍ରକୃତ ଉଦ୍ଦେଶ୍ୟ । ଏହି ପ୍ରାଚୀନ ଭାରତୀୟ ଅଭ୍ୟାସ ମାନସିକ ଏବଂ ଶାରୀରିକ ସୁରକ୍ଷାକୁ ପ୍ରେତ୍ସାହନ ପ୍ରଦାନ କରିବା ସହିତ

ଚାପ ହ୍ରାସ ଏବଂ ଆଭ୍ୟନ୍ତରୀଣ ଶାନ୍ତି ପାଇଁ ପଥ ଉନ୍ମୁକ୍ତ କରିଥାଏ। ଏହି ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

## ପ୍ରବେଶିକା ପରୀକ୍ଷା

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆସନ୍ତା ମାସ ୯ ତାରିଖରେ ଅନୁଷ୍ଠିତ ହେବ। ଷଷ୍ଠ ଶ୍ରେଣୀ ପାଇଁ ପ୍ରବେଶିକା ପରୀକ୍ଷା ପୂର୍ବାହ୍ଣ ୧୦ଟାରୁ ୧୨ ଟା ପର୍ଯ୍ୟନ୍ତ ଏବଂ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ପାଇଁ ପ୍ରବେଶିକା ପରୀକ୍ଷା ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି। ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରବେଶିକା ପରୀକ୍ଷା ପ୍ରତି ବ୍ଲକ୍‌ସ୍ତରରେ ଅନୁଷ୍ଠିତ ହେବ। ମାଇନିଂ ଆଦର୍ଶ ବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ପୃଥକ୍ ପୃଥକ୍ ଭାବେ କେବଳ ଖଣି ଅଂଚଳରେ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ  ସୂଚନା ଦିଆଯାଇଛି।

## ସମୀକ୍ଷା ବୈଠକ

**ଗଞ୍ଜାମ** ଜିଲ୍ଲାରେ କାଠ ଘଣା ତେଲ ଏବଂ ବାଦାମରୁ ବିଭିନ୍ନ ମୂଲ୍ୟଯୁକ୍ତ ଖାଦ୍ୟପଦାର୍ଥ ପ୍ରସ୍ତୁତି ନେଇ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଭି.କିର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚିନାବାଦାମ ଓ ସୋରିଷ ଉତ୍ପାଦନକୁ ଦୃଷ୍ଟିରେ ରଖି କାଠଘଣା ତେଲ ପ୍ରସ୍ତୁତି ଉତ୍ପାଦର

ପ୍ୟାକେଜିଂ, ବ୍ରାଣ୍ଡିଂ ଏବଂ ବଜାର ପ୍ରବେଶ ଆଦି ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା ହୋଇଛି । ତେଲ ପ୍ରସ୍ତୁତିକରଣ ଯନ୍ତ୍ରପାତି ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ଚମାଖଣ୍ଡିସ୍ଥିତ ଗ୍ରାମୀଣ ଶିଳ୍ପ ଉଦ୍ୟାନରେ ସ୍ଥାପନ କରାଯିବ । ଏହାଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଚାଷୀ ଉପକୃତ ହେବା ସହ ଉପଭୋକ୍ତାଙ୍କୁ ଗୁଣାବତ୍ତା ସମ୍ପନ୍ନ ତେଲ ପ୍ରଦାନ କରାଯାଇପାରିବ ବୋଲି ଜିଲ୍ଲାପାଳ କହିଛନ୍ତି । ବୈଠକରେ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ତଥା ଅନ୍ୟ ଅଂଶୀଦାର ଅଂଶଗ୍ରହଣ କରିଥିଲେ ।

## ବାଲ୍ୟବିବାହ-ତାଲିମ୍ କାର୍ଯ୍ୟକ୍ରମ

୧୦୦ ଦିନିଆ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନ ଅଧୀନରେ **ନବରଙ୍ଗପୁର** ଠାରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମାଜକଲ୍ୟାଣ ଅଧିକାରୀଙ୍କ ତତ୍ତ୍ୱାବଧାନରେ 'ଆସୋସିଏସନ୍ ଫର ଭଲ୍ୟୁଣ୍ଟାରୀ ଆକ୍ସନ' ପକ୍ଷରୁ ଆୟୋଜିତ ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ  ଅଭିଯାନର ଆଭିମୁଖ୍ୟ ଉପରେ ଆଲୋଚନା ହୋଇଛି । ବାଲ୍ୟବିବାହରେ ଜଡିତ ବ୍ୟକ୍ତିଙ୍କ ବିରୋଧରେ ଆଇନ୍ ଅନୁଯାୟୀ ରହିଥିବା ଦଣ୍ଡବିଧାନ ଉପରେ ବୈଠକରେ ଅବଗତ କରାଯାଇଛି ।  ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ବାଲ୍ୟବିବାହକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ସମୀକ୍ଷା ବୈଠକ କରିବାକୁ ପଞ୍ଚାୟତସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି ।

## ପ୍ରବାସ ଆଲୋଚନାଚକ୍ର

ଓଡ଼ିଶାରେ ପ୍ରବାସ ପ୍ରକ୍ରିୟାରେ ଆଂଚଳିକ ବୈଷମ୍ୟ ଏବଂ ଏ ସମ୍ପର୍କିତ ଅନୁକୂଳ ଆଚରଣ ଓ ସୁସ୍ଥତା ପ୍ରସଙ୍ଗ ନେଇ ଏକ ଦିନିକିଆ ଆଲୋଚନା ଚକ୍ର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ, ବିଶେଷଜ୍ଞ ଏବଂ ଗବେଷକ ଯୋଗଦେଇ ପ୍ରବାସୀଙ୍କ କଲ୍ୟାଣ ନେଇ ନୀତି ନିର୍ଦ୍ଧାରଣ ପ୍ରସ୍ତୁତି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏକ ସମାବେଶୀ ଅଭିବୃଦ୍ଧି ସମ୍ପନ୍ନ, ଦୃଢ଼ ଏବଂ ସାମାଜିକ କଲ୍ୟାଣ ପାଇଁ ପ୍ରବାସକୁ ଏକ ମାଧ୍ୟମ ଭାବେ ଉପଯୋଗ କରିବା ନେଇ ରାଜ୍ୟରେ ବ୍ୟାପକ ସୁଯୋଗ ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଛି। ବୈଠକରେ ଶ୍ରମ ଆୟୁକ୍ତ ଇନ୍ଦ୍ରମଣୀ ତ୍ରିପାଠୀ, ଏନ୍.ସି.ଡି.ଏସ୍.ର ରାଜ୍ୟଶାଖା ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତି ତଥା ଅନ୍ୟାନ୍ୟ ଅଂଶୀଦାର ଯୋଗଦେଇ ରାଜ୍ୟର ବିଭିନ୍ନ କଲ୍ୟାଣମୂଳକ ପଦକ୍ଷେପଗୁଡ଼ିକରେ ପ୍ରବାସୀଙ୍କୁ ସାମିଲ କରିବା ନେଇ ମତ ବିନିମୟ କରିଛନ୍ତି।

# ପାଣିପାଗ-ମାର୍ଗଦର୍ଶିକା

ରାଜ୍ୟରେ ଶୀତର ଲହରୀ ଜାରି ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଓ କନ୍ଧମାଳ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୭ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ କୌଣସି ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଅଧିକ ସୂଚନା

ଦେଇ ପାଣିପାଗ କେନ୍ଦ୍ର ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀ ଆକାଶବାଣୀକୁ କହିଛନ୍ତି...

**- V/O - (ସଞ୍ଜୀବ ଦ୍ୱିବେଦୀ)**

ଅନ୍ୟପକ୍ଷରେ, ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କୁହୁଡିଜନିତ ସଡ଼କ ଦୁର୍ଘଟଣାକୁ ପ୍ରତିହତ କରିବା ଲକ୍ଷ୍ୟନେଇ ପରିବହନ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି । ବିଶେଷକରି ସୁନ୍ଦରଗଡ଼, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଓ ସମ୍ବଲପୁର ଆଦି ଜିଲ୍ଲାର ବିଭାଗୀୟ ଅଧିକାରୀଙ୍କୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । କୁହୁଡ଼ି ସମୟରେ ଗାଡ଼ି ଚଳାଚଳ ନେଇ କେତେକ ସ୍ୱତନ୍ତ୍ର ନିୟମ ପାଳନ କରିବାକୁ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ମାର୍ଗଦର୍ଶିକା ମାଧ୍ୟମରେ ଅବଗତ କରାଯାଇଛି ।